
ଲକ୍ଷ୍ମୀ ପୂଜା ଅବସରରେ ଢେଙ୍କାନାଳ ସହରରେ ହୋଇଥିବା ପୂଜା ପ୍ରତିଷ୍ଠାନ ତୋରଣ।


ଏକ ତୋରଣ ସମ୍ମୁଖରେ ଜଣେ ବେଲୁନ ବିକ୍ରେତା ଗ୍ରାହକଙ୍କ ଅପେକ୍ଷାରେ।


ଦେବୀଙ୍କ ଦର୍ଶନ ପାଇଁ ମଙ୍ଗଳବାର ସହରରେ ହୋଇଥିବା ପ୍ରବଳ ଭିଡ଼। (ଫଟୋ– ମାନସ)

# ‘ବରା ଦିବସରେ ଡାକିଲେ ନିଶ୍ଚିତ ଆସିବି’

ଢେଙ୍କାନାଳ,୨୨।୧୦(ରତନ ନାୟାର)

ଢେଙ୍କାନାଳ ବରା ମୋର ଭାରି ପ୍ରିୟ। କଲେଜ ପଢିବା ବେଳେ ଲକ୍ଷ୍ମୀପୂଜା ବୁଲି ଦେଖିବାକୁ ଆସିବା ସମୟରେ ବରା ଖାଇଥିଲି। ପ୍ରତିବର୍ଷ ଏପ୍ରିଲ ୭ ତାରିଖରେ ଢେଙ୍କାନାଳରେ ବରା ଦିବସ ପାଳନ ହୁଏ ବୋଲି ଜାଣିବାକୁ ପାଇଛି। ବରା ଦିବସରେ ମୋତେ ଡାକିଲେ ନିଶ୍ଚିତ ଭାବରେ ଆସି ଆପଣମାନଙ୍କ ସହିତ ସାମିଲ ହେବି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ କହିଥିଲେ। ଢେଙ୍କାନାଳ ବରା ସାଙ୍ଗକୁ ମଗଜି ଲଡ୍ଡୁର ସ୍ୱାଦ ଖୁବ୍ ଉଚ୍ଚକୋଟୀର। ମଗଜି ଲଡ୍ଡୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବା ଆମ ସମସ୍ତଙ୍କ ପାଇଁ ଏକ ଖୁସିର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।


ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ଅଭିନବ ସୋନକର ସହରରେ ଭିଡ଼ ଅନୁଧ୍ୟାନ କରୁଛନ୍ତି।


ସହର ମଧ୍ୟରେ ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା।

# ବହୁରୂପେ ବୈକୁଣ୍ଠେଶ୍ୱରୀ

ଢେଙ୍କାନାଳ,୨୨।୧୦(ରତନ ନାୟାର)

- ବର୍ଷା, ବାତ୍ୟା ପୂର୍ବରୁ ଦର୍ଶନ ପାଇଁ ବଢ଼ୁଛି ଭିଡ଼
- ସହରର ପ୍ରବେଶ ପଥରେ ମାଲ ମାଲ ଗାଡ଼ି

ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ନିଆରା କରୁଛି ସାମାଜିକ ସଚେତନତାର ବାର୍ତ୍ତା। ଶିକ୍ଷଣୀୟ ହେଉଛି ପୌରାଣିକ କଥାବସ୍ତୁ। ଚଳିତବର୍ଷ ସହରର ୩୮ଟି ପୂଜା ପ୍ରତିଷ୍ଠାନରେ ମା'ଙ୍କ ପୂଜା କରାଯାଉଥିବା ବେଳେ ପାରିପାର୍ଶ୍ୱିକ ମୂର୍ତ୍ତି, ସାଜସଜ୍ଜା ସହ ବୈକୁଣ୍ଠେଶ୍ୱରୀଙ୍କ ବହୁରୂପ ମନଲାଖି ହୋଇପାରିଛି। କେଉଁଠି ମା'ଙ୍କ ପୂଜାରେ ପାପମୁକ୍ତ ସମାଜ ଗଠନର ଉଦ୍ଦେଶ୍ୟ ପ୍ରକାଶ କରାଯାଇଛି ତ ଆଉ କେଉଁ ପୂଜା ମଣ୍ଡପରେ ପୌରାଣିକ ପୌରାଣିକ ଚିତ୍ର ମାଧ୍ୟମରେ ଦର୍ଶକମାନଙ୍କୁ ସଚେତନ କରିବାର ପ୍ରୟାସ କରାଯାଇଛି। ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାମାନଙ୍କ ଏପରି ମହତ ଉଦ୍ଦେଶ୍ୟ କେବଳ ଚଳିତବର୍ଷ ନୁହେଁ, ବରଂ ଦୀର୍ଘବର୍ଷ ଧରି କରାଯାଇଆସୁଛି।

ସମ୍ଭାବ୍ୟ ବାତ୍ୟାକୁ ଦେଖି ବୁଧବାର ସୁଦ୍ଧା ପୂଜାର ତୋରଣମାନ ଖୋଲିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିବାରୁ ମଙ୍ଗଳବାର ସହରରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପ୍ରବେଶ ପଥ ଦେଇ ଢେଙ୍କାନାଳ ଟାଉନ ମଧ୍ୟକୁ ସହସ୍ରାଧିକ ସଂଖ୍ୟାରେ ବାଇକ୍ ଓ ଚାରି ଚକିଆ ଗାଡ଼ି ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ଆଖି ଲାଖିଗଲା ଭଳି ସାଜସଜ୍ଜା କରାଯାଇଥିବା ବେଳେ ମା' ଲକ୍ଷ୍ମୀଙ୍କ ଦିବ୍ୟ ଦର୍ଶନ କରିବାକୁ କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଧାଇଁ ଆସିଥିବା ଦେଖାଯାଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ଗୋଟିଏ ମଣ୍ଡପରୁ ଆଉ ଗୋଟିଏ ମଣ୍ଡପକୁ ଯିବାକୁ ଶ୍ରଦ୍ଧାଳୁମାନଙ୍କୁ ଦୀର୍ଘ ସମୟ ଲାଗିଯାଇଥିଲା। ତଥାପି ଭିଡ଼ ଭିତରେ ଆଗକୁ ଯାଇ ଦେବୀଙ୍କୁ ଦେଖି କୃପାଲାଭ କରିବାକୁ ଲୋକଙ୍କ ମନରେ ଅହେତୁକ ଆଗ୍ରହ ଜନଗହଳିକୁ ବଢ଼ାଇ ଦେଇଥିଲା।


ଢେଙ୍କାନାଳ ହାଟରୋଡ୍ କମ୍ୟୁନିଟି ପୂଜା ମଣ୍ଡପରେ ମା' ଲକ୍ଷ୍ମୀ।


ଢେଙ୍କାନାଳ ଲକ୍ଷ୍ମୀପୂଜା ଅବସରରେ ଜେନାଦେଇ ବଜାର ପୂଜା ମଣ୍ଡପ।


ଶକ୍ତିସୁଗାର ପୂଜା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।


ସହରରେ ପଡ଼ିଥିବା ଦୋଳିର ମଜା ନେଉଛନ୍ତି ଯୁବତୀ ଯୁବକ।

# ଲକ୍ଷ୍ମୀପୂଜା ଆମର ଗର୍ବ ଓ ଗୌରବ

## ମହାବୀର ବଜାର ପ୍ଲାଟିନମ ଜୁବିଲି ସମାରୋହର ୪ର୍ଥ ସନ୍ଧ୍ୟା

ଢେଙ୍କାନାଳ,୨୨।୧୦(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ପୂଜା ପ୍ରତିଷ୍ଠାନ ମହାବୀର ବଜାର ପୂଜା ଅନୁଷ୍ଠାନର ୭୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେଉଥିବା ପ୍ଲାଟିନମ ଜୁବିଲି ସମାରୋହରେ ୪ର୍ଥ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଲେ ଯେ, ଢେଙ୍କାନାଳ ସମଗ୍ର ରାଜ୍ୟରେ ଏକ ଶାନ୍ତ ଓ ଭାଇଚାରାର ସହର ବୋଲି ପରିଚିତ। ଢେଙ୍କାନାଳ ଲକ୍ଷ୍ମୀପୂଜା ଆମର ଗର୍ବ ଓ ଗୌରବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ଯୋଗଦେଇ କହିଲେ, ଢେଙ୍କାନାଳ ଭାଇଚାରାର ସହର। ଏଠି କପିଳାସ ପୀଠର ମହାପ୍ରଭୁ ଶ୍ରୀଶ୍ରୀଚନ୍ଦ୍ରଶେଖର ଜୀଉ, ସବୁଜିମା ସପ୍ତଶଯ୍ୟା ଏବଂ ସମଗ୍ର ବିଶ୍ୱକୁ ଏକ ଧର୍ମର ବାର୍ତ୍ତା ଦେଇଥିବା ମହିମାଗାଦୀ ଯୋରନ୍ଦା ସମଗ୍ର ଢେଙ୍କାନାଳକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ତ୍ୟାଗ ଓ ବଳିଦାନ ଢେଙ୍କାନାଳକୁ ଏକ ବୀର ମାଟିର ପରିଚୟ ଦେଇଛି। ଏଠି ମହାନ ଜନନାୟିକା ନନ୍ଦିନୀ ଶତପଥୀ ବିଧାୟିକା ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏସବୁକୁ ଆକଳନ କଲେ ଆମର ଐତିହ୍ୟ, ସଂସ୍କୃତି, ପରମ୍ପରା ମହାନ ବୋଲି ସେ କହିଥିଲେ। ସେହିପରି ଢେଙ୍କାନାଳରେ ସମସ୍ତ ପୂଜା ପ୍ରତିଷ୍ଠାନ ଚାନ୍ଦିମେଢ଼ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ପୂଜା ପ୍ରତିଷ୍ଠାନର ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଜ୍ଞାନେନ୍ଦ୍ର ବେହେରା ବିବରଣୀ ପ୍ରଦାନ କରି ଲକ୍ଷ୍ମୀପୂଜାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେଉଳସାହି, ସିମିଳିଆ, କଲେଜ ବଜାର, ଗାନ୍ଧୀବଜାର, ବସଷ୍ଟାଣ୍ଡ, କାଳୀକାନଗର ଓ ଖମାରସାହି ପୂଜା ପ୍ରତିଷ୍ଠାନର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ କର ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଭୁବନେଶ୍ୱରର ସିଙ୍ଗମ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ମହାବୀର ବଜାର ପୂଜା ଅନୁଷ୍ଠାନର ୭୫ବର୍ଷ ପୂର୍ତ୍ତି ଅବସରରେ ୪ର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

# ଆଜି ଖୋଲାଯିବ ତୋରଣ, ଲାଇଟ୍ ଗେଟ୍

ଢେଙ୍କାନାଳ,୨୨।୧୦(ରତନ ନାୟାର)

ବାତ୍ୟା 'ଦାନା'କୁ ନେଇ ଢେଙ୍କାନାଳ ଲକ୍ଷ୍ମୀପୂଜା ପ୍ରଭାବିତ ହେବା ଆଶଙ୍କା କରି ମଙ୍ଗଳବାର ଅପରାହ୍ନ ୩ଟାରେ ପୁରୁଣା ଜିଲା ପରିଷଦ ହଲଠାରେ ଜିଲା ପ୍ରଶାସନର ଆବାହକତ୍ୱରେ ମିଳିତବଜାର ପୂଜା କମିଟି, ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶାନ୍ତି କମିଟି ସଦସ୍ୟମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ପର୍ଯ୍ୟାଲୋଚନା ପରେ ବାତ୍ୟା ପ୍ରଭାବକୁ ନଜରରେ ରଖି ଲକ୍ଷ୍ମୀପୂଜା ଅବସରରେ ସହର ମଧ୍ୟରେ ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ବାଉଁଶରେ ନିର୍ମିତ କପଡ଼ା ଲାଗି ତୋରଣଗୁଡ଼ିକ ବୁଧବାର ସକାଳେ ଖୋଲାଯିବ। ସେହିପରି ବିଦ୍ୟୁତ ତୋରଣରେ ଲାଗିଥିବା ବାଉଁଶଗୁଡ଼ିକ ମଧ୍ୟ ଖୋଲାଯିବ। ରାସ୍ତାରେ ବିଦ୍ୟୁତ ଆଲୋକ ସାଜସଜ୍ଜା ପାଇଁ ଲାଗିଥିବା ବାଉଁଶଗୁଡ଼ିକ ଖୋଲାଯିବ। ଦୋଳିଗୁଡ଼ିକ ମଧ୍ୟ ଖୋଲି ଦିଆଯିବ। ପୂଜା ଅବସରରେ ସହରକୁ ବ୍ୟବସାୟ ପାଇଁ ଆସିଥିବା ଉଠା ଦୋକାନୀମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ଅଞ୍ଚଳକୁ ବୁଧବାର ସୁଦ୍ଧା ପଠାଇ ଦିଆଯିବ। ବିଭିନ୍ନ ରାଜ୍ୟରୁ ଆସିଥିବା ଯାଯାବରମାନଙ୍କୁ ପୌରସଂସ୍ଥା ପକ୍ଷରୁ ସହର ମଧ୍ୟରେ ଥିବା ବିଭିନ୍ ସ୍କୁଲ ଘରେ ସେମାନଙ୍କୁ ରଖାଯିବା ସହିତ ବିଭିନ୍ନ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। କିନ୍ତୁ ପୂଜା ମଣ୍ଡପଗୁଡ଼ିକ କଂକ୍ରିଟ ଘର ହୋଇଥିବାରୁ ଏହା ମଧ୍ୟରେ ସାଜସଜ୍ଜା ସହିତ ମା' ଲକ୍ଷ୍ମୀ ପ୍ରତିଦିନ ପୂଜା ପାଇବେ। ୨୬ ତାରିଖ ମଧ୍ୟରେ ପାଗ ଭଲହେଲେ ଭସାଣି ଶୋଭାଯାତ୍ରା ମହାସମାରୋହରେ ଅନୁଷ୍ଠିତ କରିବା ପାଇଁ ମତପ୍ରକାଶ ପାଇଥିଲା। ପଲ୍ଲିଶ୍ରୀ ମେଳକୁ ମଧ୍ୟ ମଙ୍ଗଳବାରଠାରୁ ବନ୍ଦ କରିଦିଆଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ କହିଲେ ଯେ, ଲକ୍ଷ୍ମୀପୂଜାରେ ଚଳିତବର୍ଷ ବହୁ ଜନ ସମାଗମ ହୋଇଛି। ଏଥିରେ ସମସ୍ତଙ୍କର ଭାବାବେଗ ଯୋଡ଼ି ରହିଛି। କିନ୍ତୁ ହଠାତ୍ ଏଭଳି ବାତ୍ୟା ପାଇଁ ଆମେ ଦୁଃଖର ସହ ବାଧ୍ୟ ହେଉଛୁ ତୋରଣ ଓ ଲାଇଟ୍ ସବୁ ଖୋଲିବା ପାଇଁ। ଏଥିରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ମିଳିତବଜାର ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ସହରବାସୀଙ୍କ ସହଯୋଗ କାମନା କରୁଛୁ। ଢେଙ୍କାନାଳରେ ୮୦ରୁ ୯୦ କିଲୋମିଟର ବେଗ ପବନ ସମ୍ଭାବନା ରହିଛି। ୨୩ ତାରିଖ ରାତି ୧୨ଟାରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ବାତ୍ୟା ଲ୍ୟାଣ୍ଡଫଲ ହେବାଯାଏ ଏହାର ପ୍ରଭାବ ପଡିବ। ମଣିଷ ସମେତ ସମସ୍ତ ପ୍ରାଣୀ ଜଗତର ସୁରକ୍ଷା ଆମର ପ୍ରଥମ ଦାୟିତ୍ୱ। ଏହା ଆମ ପାଇଁ ଏକ ଚ୍ୟାଲେଞ୍ଜ ବୋଲି ଜିଲାପାଳ କହିଥିଲେ। ରାଜ୍ୟ ସରକାର ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଆମ ଜିଲାରେ ମଧ୍ୟ ଯେପରି କୌଣସି ଧନଜୀବନ କ୍ଷତି ନ ଘଟେ ସେଥିପାଇଁ ସମସ୍ତଙ୍କୁ ସଜାଗ ରହିବାକୁ ପଡିବ ବୋଲି ଜିଲାପାଳ ନିବେଦନ କରିଥିଲେ। ବୈଠକରେ ଏସ୍‌ପି ଅଭିନବ ସୋନକର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି ଓ ଉପଜିଲାପାଳ ବିବୁଧ ଗଡନାୟକ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନଙ୍କ ମଧ୍ୟରେ ନବୀନଚନ୍ଦ୍ର ନାରାୟଣ ଦାସ, ଗୋପାଳ ପାତ୍ର, ସୁଧାଂଶୁ ଦଳେଇ, ସତ୍ୟସ୍ୱରୁପ ଦାସ, ପ୍ରତାପ ବରାଳ, ଜ୍ଞାନେନ୍ଦ୍ର ବେହେରା, ରବି ନାରାୟଣ ମହାନ୍ତି, ଶେଖ ହୁସେନ, ସନ୍ଦିପ ଷଡଙ୍ଗୀ, ସୁକାନ୍ତ ମିଶ୍ର ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ମା'ଙ୍କ ପୂଜାର୍ଚ୍ଚନାରେ କୌଣସି ବାଧା ଦିଆଯିବନି ବୋଲି ବୈଠକରେ ସୂଚନା ଦିଆଯାଇଥିଲା।


ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ମିଳିତବଜାର ପୂଜା କମିଟିର ବୈଠକ।

### ବାତ୍ୟା ନେଇ ମିଳିତବଜାର ପୂଜା କମିଟି ଓ ପ୍ରଶାସନର ବଡ଼ ନିଷ୍ପତ୍ତି

- ଉଠା ଦୋକାନୀମାନଙ୍କୁ ସେମାନଙ୍କ ନିଜ ଅଞ୍ଚଳକୁ ପଠାଇ ଦିଆଯିବ
- ଯାଯାବରମାନଙ୍କୁ ପୌରସଂସ୍ଥା ପକ୍ଷରୁ ଥଇଥାନ କରାଯିବ
- ମଣ୍ଡପରେ ସାଜସଜ୍ଜା ମଧ୍ୟରେ ମା'ଙ୍କ ପୂଜା ଜାରିରହିବ
- ପାଗ ଭଲ ହେଲେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ


ଅନୁଗୋଳ ଲକ୍ଷ୍ମୀ ପୂଜା: ସହରରେ ପ୍ରବଳ ଭିଡ଼।


ଜଣେ ଯୁବତୀ ହାତରେ ଟାଟୁ କରୁଛନ୍ତି।


ମେଳାରେ ପଡ଼ିଥିବା ଖାଦ୍ୟ ଷ୍ଟଲରେ ଚାଓମିନ ପସ୍ତୁତ ହେଉଛି।


ଦୋଳିର ମଜା ନେଉଛନ୍ତି ଯୁବତୀ ଯୁବକ। (ଫଟୋ– ବୁବୁ)

# ଜଙ୍ଗଲ ଜମି ସୁରକ୍ଷା ପାଇଁ ହେବ ଆନ୍ଦୋଳନ

## ଜିଲାପାଳଙ୍କୁ ଜଣାଇଲେ କୁଇଓ ଜଙ୍ଗଲ ଗ୍ରାମ ବାସିନ୍ଦା

ଅନୁଗୋଳ,୨୨।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଇଓ ସଂରକ୍ଷିତ ଜଙ୍ଗଲ ଜମିକୁ ସୁରକ୍ଷା ପ୍ରଦାନ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ କୁଇଓ ଜଙ୍ଗଲ ଗ୍ରାମର ବାସିନ୍ଦା। ଏ ନେଇ ଆସନ୍ତା ୨୯ ତାରିଖରେ ସେମାନେ ଏକ ଶୋଭାଯାତ୍ରା କରିବା ସହ ଜିଲା ପ୍ରଶାସନକୁ ସ୍ମାରକପତ୍ର ପ୍ରଦାନ କରିବେ। ଏ ନେଇ ମଙ୍ଗଳବାର ଗ୍ରାମ ସଭାପତି ମିଟୁନ ବେହେରା ଓ ସମ୍ପାଦକ ପ୍ରଶାନ୍ତ ବେହେରା ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ବନ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

ଗ୍ରାମ ସଭାପତି ଦର୍ଶାଇଛନ୍ତି, କୁଇଓ ଜଙ୍ଗଲ ଗ୍ରାମର ୯୫ ପ୍ରତିଶତ ବାସିନ୍ଦା ଅନୁସୂଚିତ ଜାତି ସମ୍ପ୍ରଦାୟର। ଏହି ଅନୁସୂଚିତ ଜାତିର ୬୨ ପରିବାର ୪୦ ବର୍ଷ ହେଲା ଗାଁ ପାଖ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ମାତ୍ର ଜମି ମାଫିଆମାନେ


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

ଏହି ସଂରକ୍ଷିତ ଜଙ୍ଗଲକୁ ଜବରଦଖଲ କରି ନୂତନ ରାସ୍ତା ବାହାର କରି ଜମି ପ୍ଲଟିଂ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଗାଁରେ ଥିବା ଗୋଷ୍ଠୀଗତ ଜମିକୁ ମାଫିଆମାନଙ୍କ ଇସାରାରେ ଲିଜ୍ ଦିଆଯାଉଛି। କୋଇଲା ଖଣି ପାଇଁ ବିସ୍ଥାପିତ ପ୍ରଜାମାନଙ୍କୁ କୁଇଓ ଜଙ୍ଗଲ ଗ୍ରାମ ଜମିରେ ଥଇଥାନ ଓ ପୁନଃବସତି କରାଯାଇଛି। ଅନୁଗୋଳ ସହର ଓ ତାଳଚେର ଖଣି ଅଞ୍ଚଳ ମଧ୍ୟରେ ରହିଥିବା ଏହି ଅଞ୍ଚଳକୁ ଜମି ମାଫିଆ କବଜା କରିବା ପାଇଁ ଯୋଜନା କରୁଛନ୍ତି। ସ୍କୁଲର ଖେଳ ପଡ଼ିଆ ନାମରେ କୌଣସି ଜମି ରେକର୍ଡ ନ ଥିବା ବେଳେ ଖେଳପଡିଆକୁ ରାସ୍ତା ନେଇ ଜଙ୍ଗଲ ଜମି ବେଆଇନ ଦଖଲ ପାଇଁ ଜମି ମାଫିଆ ଉଦ୍ୟମ ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଜମି ମାଫିଆମାନେ ଜଙ୍ଗଲ ଜମିକୁ ଦଖଲ ପୂର୍ବକ ଏକ ରାସ୍ତା ବାହାର କରିବା ପାଇଁ ୧ ହଜାର ଶାଳଗଛକୁ କାଟି ଦେଇଛନ୍ତି। ଏହାର ପ୍ରତିବାଦ କରିବାରୁ ଜାତିଆଣ ଆକ୍ଷେପ ପୂର୍ବକ ବାରମ୍ବାର ଗଣ୍ଡଗୋଳ କରୁଛନ୍ତି। ଦୀର୍ଘ ୨ ବର୍ଷ ହେଲା ବିଭିନ୍ନ ସମୟରେ ମାଫିଆମାନଙ୍କ ଗଣ୍ଡଗୋଳ ଓ ଧମକ ବିରୋଧରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ଗ୍ରାମବାସୀଙ୍କ ଏତଲା ପଞ୍ଜୀକୃତ କରିନାହିଁ। ଗ୍ରାମବାସୀ ବାଧ୍ୟ ହୋଇ ମାନବ ଅଧିକାର କମିଶନ ପାଖରେ ଏକ ମାମଲା ରୁଜୁ କରିବା ସହିତ ଅନୁସୂଚିତ ଜାତି କମିଶନଙ୍କୁ ଅଭିଯୋଗ କରିଛନ୍ତି। ଆସନ୍ତା ୨୯ ତାରିଖରେ ଗ୍ରାମର ସମସ୍ତ ମହିଳା ପୁରୁଷ ଏକ ଶୋଭାଯାତ୍ରା କରି ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସଭାପତି ପ୍ରକାଶ କରିଛନ୍ତି।

# କାର୍ ଧକ୍କାରେ ୨ ଛାତ୍ରୀ ଆହତ

ପବିତ୍ରନଗର,୨୨।୧୦
(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମ ଠାରେ ମଙ୍ଗଳବାର ଏକ କାର୍ ଧକ୍କାରେ ୨ଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ଶିପୁର ଗ୍ରାମର ବିଦ୍ୟୁସ୍ମିତା ମହାନ୍ତି ଓ ରୁବି ସାମଲ। ଉଭୟ ନନ୍ଦକିଶୋର ହାଇସ୍କୁଲର ଛାତ୍ରୀ। ଦୁର୍ଘଟଣା ପରେ ଉଭୟ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଅପରାହ୍ନ ୪ଟାରେ ସ୍କୁଲ ଛୁଟି ହେବା ପରେ ୨ ଛାତ୍ରୀ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଖମାର ଆଡ଼କୁ ଯାଉଥିବା ଏକ କାର୍ ଉଭୟଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ସେମାନଙ୍କୁ ମେଡିକାଲ ନେବା ପାଇଁ ବ୍ୟବସ୍ଥା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଫୋନ ଯୋଗେ ସମଲ ଥାନା ଓ ଖମାର ଥାନାକୁ ଖବର ଦିଆଯାଇଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡ଼ିର ସନ୍ଧାନ ପୋଲିସ କରିପାରି ନାହିଁ।

# ୨୮ରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଅନୁଗୋଳ,୨୨।୧୦ (ମାନସ ବିଶ୍ୱାଳ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ–୨୦୨୪ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯିବ। ସପ୍ତାହର ପ୍ରଥମ ଦିନ ସମସ୍ତ ସରକାରୀ କର୍ମଚାରୀ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶପଥ ପାଠ କରିବେ। ସେହିପରି ଜନସଚେତନତା ପାଇଁ ଜିଲା ପ୍ରଶାସନ ତରଫରୁ ରାଲି, ୱାକାଥନ, ପଥପ୍ରାନ୍ତ ନାଟକ, ଗ୍ରାମସଭା ଆଦି କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ। ତୃଣମୂଳସ୍ତରରେ ବ୍ୟାପକ ଜନ ସଚେତନତା ନିମନ୍ତେ ପ୍ରତି ବ୍ଲକ, ପଞ୍ଚାୟତସ୍ତରରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଚେତନତା ରାଲି ଓ ଗ୍ରାମ ସଭା କରାଯିବା ନିମନ୍ତେ ବୈଠକରେ ସ୍ଥିରିକୃତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଥିବା ଭିଡିଓକୁ କେବୁଲ ଅପରେଟର ଓ ସିନେମା ହଲଗୁଡିକରେ ପ୍ରସାରଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ୮୮ ର୍‍ୟାଙ୍କଧାରୀ କଳିଙ୍ଗଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ


୮୮ତମ ର୍‍ୟାଙ୍କରେ ଥିବା କଳିଙ୍ଗ ଆଶିଷ ଶତପଥୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ପାଲଲହଡ଼ା ବିଧାୟକ।

ପବିତ୍ରନଗର,୨୨।୧୦
(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ହନୁମାନପୁର ଗ୍ରାମର କଳିଙ୍ଗ ଆଶିଷ ଶତପଥୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୮୮ତମ ସ୍ଥାନରେ ରହି କଣିହାଁ ପାଇଁ ଗୌରବ ଆଣିଛନ୍ତି। ସନ୍ତୋଷ କୁମାର ଶତପଥୀ ଓ ହରପ୍ରିୟା ଶତପଥୀଙ୍କ ପୁତ୍ର କଳିଙ୍ଗ ଏନ୍‌ଟିପିସି କଣିହାଁ କେନ୍ଦ୍ରୀୟ ବିଦ୍ୟାଳୟରୁ ୨୦୧୫ ମସିହାରେ ଦ୍ୱାଦଶ, ଭୁବନେଶ୍ୱର ବେସିକ ସାଇନ୍ସ କଲେଜରୁ ରସାୟନ ବିଭାଗରେ ସ୍ନାତକ, ଏନ୍‌ଆଇଟି ରାଉରକେଲାରୁ ଡେଭଲପମେଣ୍ଟ ଷ୍ଟଡିରେ ପିଜି ସାରିବା ପରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ୨ୟ ଥର ପ୍ରଚେଷ୍ଟାରେ ସେ ଏହି ସଫଳତା ପାଇଥିବାରୁ ପରିବାର ଲୋକେ ବେଶ୍ ଉତ୍ସାହିତ ହୋଇଛନ୍ତି। ଖବରପାଇ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ସୋମବାର ତାଙ୍କ ବାସଭବନ ଯାଇ ଶୁଭେଚ୍ଛା ଜଣାଇଛନ୍ତି।

# ଆବାସ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଅନୁଗୋଳ,୨୨।୧୦ (ମାନସ ବିଶ୍ୱାଳ)

ଅନୁଗୋଳ ସହର ତାମ୍ରିତକଲୋନୀ ପାର୍ଶ୍ୱସ୍ଥିତ ସୌଭାଗ୍ୟନଗରର ୧୨ନଂ. ୱାର୍ଡ, ବିଇଡି କଲେଜ ପଛ ପାର୍ଶ୍ୱ ୧୪ନଂ. ୱାର୍ଡ, ଶିକ୍ଷାଞ୍ଚଳ ସ୍କୁଲ ପାର୍ଶ୍ୱ ୧୩ନଂ. ୱାର୍ଡ, ଶିମିଳିପଡାର ୧୭ନଂ. ୱାର୍ଡ, ହୁଲୁରିସିଂହାର ୮ନଂ. ୱାର୍ଡର ଲୋକମାନେ ମଙ୍ଗଳବାର ଜ୍ୟୋତ୍ସ୍ନା ସାମଲଙ୍କ ନେତୃତ୍ୱରେ ଘରଡିହ ପଟ୍ଟା ତଥା ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି, ୧୦୦ରୁ ଅଧିକ ବର୍ଷ ଧରି ଅନୁଗୋଳର ବିଭିନ୍ନ ବସ୍ତିବାସିନ୍ଦା ସରକାରୀ, ବେସରକାରୀ ଅଫିସ, ଦୋକାନ ବଜାର ଆଦିରେ କାମ କରୁଥିବାବେଳେ ବସ୍ତିରେ ରହୁଛନ୍ତି। ସେମାନଙ୍କୁ ଘରଡିହ ପଟ୍ଟା ତଥା ଆବାସ ଯୋଜନାରେ ଘର ଯୋଗାଇଦେବା ନିମନ୍ତେ ବାରମ୍ବାର ଜିଲାପାଳ, ତହସିଲଦାର, ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରସ୍ଥ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣେଇ ଆସିଛନ୍ତି। ମାତ୍ର ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତଥାପି ସେମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରତିମା ପରିଡ଼ା, ବବିତା ପ୍ରଧାନ, ଝୁମୁକି ମୁଖୀ, କାଜଲ ବେହେରା, ସନ୍ତୋଷିନୀ ଅମାନ୍ତ, ସେଲୋନୀ ଗୋଚ୍ଛାୟତ, ରମା ନାୟକ, ସୁଶୀଳା ଟୁଡୁ, ପ୍ରଶାନ୍ତ କୁମାର ରାଉତରାୟ, ନବକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ବସ୍ତିବାସିନ୍ଦାମାନେ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଶିଗଡ଼ ଚାମ୍ପିୟନ

ପାଲଲହଡ଼ା,୨୨।୧୦ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡ ବାଲିପଶି ପଞ୍ଚାୟତ ହାତୀଘିଞ୍ଚା ରେନ୍‌ବୋ କ୍ଲବ ଦ୍ୱାରା ଆୟୋଜିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବାଲିପଶି ଏବଂ ଶିଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଶିଗଡ଼ ଟିମ୍ ୧–୦ ଗୋଲ୍‌ରେ ବାଲିପଶି ଟିମ୍‌କୁ ପରାଜିତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ବାଲିପଶି ସରପଞ୍ଚ ଧୀରେଶ୍ୱରୀ ଗଡ଼ନାୟକ ଏବଂ ନାଏବ ସରପଞ୍ଚ ବିଦ୍ୟୁଲତା ଗଡ଼ନାୟକ ଯୋଗଦେଇଥିଲେ। କ୍ଲବ ସଭାପତି ଦେବଦତ୍ତ ସାହୁ ସଭାପତିତ୍ୱ କରିଥିଲେ। ଚାମ୍ପିୟନ ଏବଂ ରନର୍ସଅପ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଦିଲୀପ ଗଡ଼ନାୟକ, ନିରଞ୍ଜନ ବେହେରା ଏବଂ ଡିଲେଶ୍ୱର ସାହୁ ଖେଳ ପରିଚାଳନା କରିଥିବା ବେଳେ ସନାତନ ଗଡ଼ନାୟକ, ଗୁରା ମୁଣ୍ଡା, ଜୟ ମୁଣ୍ଡା, ରବି ମୁଣ୍ଡା, ଦିଲୀ ମୁଣ୍ଡା, ବିଜୁ ମୁଣ୍ଡା, ଅନ୍ତର୍ଯ୍ୟାମୀ ବେହେରା, ଚରଣ ସାହୁ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।


ମ୍ୟାଚ ପୂର୍ବରୁ ଉଭୟ ଟିମ୍‌ର ଖେଳାଳି।

# ପାର୍ଶ୍ୱ ସାଜସଜ୍ଜାରେ ଜଙ୍ଗଲ ସୁରକ୍ଷା ବାର୍ତ୍ତା

ଆଠମଲ୍ଲିକ,୨୨। ୧୦
(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ବଙ୍ଗଳା ସାହିର ଲକ୍ଷ୍ମୀପୂଜା କମିଟି ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସର ଲକ୍ଷ୍ମୀ ମଣ୍ଡପରେ ମା' ଲକ୍ଷ୍ମୀଙ୍କ ପୂଜା କରାଯାଉଛି। ମା'ଙ୍କ ପଛପଟେ ହନୁମାନ ମୂର୍ତ୍ତି ହୋଇଥିବାବେଳେ ଉଭୟ କାନ୍ଧରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ବସିଥିବା ଦୃଶ୍ୟ ଭକ୍ତମାନଙ୍କୁ ବେଶ୍ ପସନ୍ଦ ଆସିଛି। ସେହିପରି ପାର୍ଶ୍ୱ ମୂର୍ତ୍ତିରେ ଦାରୁ ଦେବତା କରାଯାଇ ଦାରୁରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ହେଉଥିବାରୁ ଗଛ ନ କାଟିବା ପାଇଁ ବାର୍ତ୍ତା ଦିଆଯାଇଛି। ଜଙ୍ଗଲ କାଟିବା ଦ୍ୱାରା ବନ୍ୟଜୀବଙ୍କ ବାସସ୍ଥଳୀ ନଷ୍ଟ ହେଉଛି। ତେଣୁ ଜଙ୍ଗଲ ବୃଦ୍ଧି ସହ ବନ୍ୟଜନ୍ତୁଙ୍କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଏଥିରେ ବାର୍ତ୍ତା ଦିଆଯାଇଛି।





# ମଦ ବିକ୍ରି ବନ୍ଦ କରିବାକୁ କଂସଙ୍କ ନିର୍ଦ୍ଦେଶ

## ଖଣ୍ଡହତା-ପିପଳବାହାଲ ଗଜଲକ୍ଷ୍ମୀ ପୂଜା

ବଇଣ୍ଡା, ୨୨।୧୦ (ପରିକ୍ଷିତ ସାହୁ)

ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ ଖଣ୍ଡହତା–ପିପଳବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ହୋଇଛି ଧନୁଯାତ୍ରା କାର୍ଯ୍ୟକ୍ରମ। ଗତ ୧୮ ତାରିଖଠାରୁ ଏହା ଆରମ୍ଭ ହୋଇଥିବା ବେଳେ ୨୭ ତାରିଖ ଯାଏ ଚାଲିବ କଂସ ଦରବାର। ମଙ୍ଗଳବାର ଚତୁର୍ଥ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ କିଶୋରନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବ ପ୍ରଧାନ ଓ ବିଜେଡି ନେତା ଭାଗୀରଥି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନା ଯେପରି ଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଦୃଷ୍ଟି ଦେବାକୁ ମହାରାଜ କଂସ ଅତିଥିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ସମୟରେ ପ୍ରଜାମାନେ ବିଷାକ୍ତ ମଦ୍ୟପାନ କରି ପ୍ରାଣ ହରାଉଥିବାରୁ ଏଥିରେ ଉଦ୍‌ବେଗ ପ୍ରକାଶ କରିବା ସହିତ ମଦ ବିକ୍ରି ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏଥରର କଂସ ଦରବାରର ବିଶେଷତ୍ୱ ବୋଲି ପୂଜା କମିଟି ସମ୍ପାଦକ ସୁଧା ସାଗର ପ୍ରଧାନ, ସଭାପତି ପ୍ରଦୀପ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନ ଜଣାଇଛନ୍ତି। କଂସ ଦରବାର ଦେଖିବା ପାଇଁ ପ୍ରତ୍ୟହ ଦର୍ଶକମାନଙ୍କ ଭିଡ଼ ଲାଗୁଛି।


କଂସଙ୍କ ଦରବାରରେ ଅତିଥିମାନେ।

# କଳାକ୍ଷେତ୍ରରେ ପିଲାମାନେ ନିଜକୁ ପ୍ରତିଷ୍ଠିତ କରାନ୍ତୁ

## ଜିଲାସ୍ତରୀୟ କଳା ଉତ୍ସବ

ଅନୁଗୋଳ,୨୨।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଜିଲା ଶିକ୍ଷା ଅଧିକାରୀ ସାହୁ କହିଥିଲେ, କଳା ଅନନ୍ୟ। ତାକୁ ସାଧନା କରିଥିବା ବ୍ୟକ୍ତି ମଧ୍ୟ ଅନନ୍ୟ। ପିଲାମାନେ କଳାକୁ ଭଲ ପାଇ ନିଜକୁ ଜଣେ ଅନନ୍ୟ ବ୍ୟକ୍ତି ଭାବରେ ପ୍ରତିପାଦନ କରନ୍ତୁ। ଉକ୍ତ କାର୍ଯ୍ୟକ୍ରମ ଅନ୍ତର୍ଗତ ୬ଟି ବିଭାଗରେ ଜିଲାରୁ ମୋଟ ୯୦ ଜଣ ଛାତ୍ରୀଛାତ୍ର, ୨୦ ଗାଇଡ୍ ଶିକ୍ଷକ, ୮ ଜଣ ବିଚାରକ ଏବଂ କାର୍ଯ୍ୟକ୍ରମ ପରିଚାଳନା କର୍ମଚାରୀଙ୍କ ସମେତ ସମୁଦାୟ ୧୩୦ ଜଣ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ, ବାଦ୍ୟଯନ୍ତ୍ର, ଅଭିନୟ, ଚିତ୍ରକଳା, ଗଳ୍ପକଥନ, ନୃତ୍ୟ ଆଦି କ୍ଷେତ୍ରରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ସଙ୍ଗୀତ କାର୍ଯ୍ୟକ୍ରମରେ ରୋଜିତ ମିଶ୍ର ରୋଟାରି ପବ୍ଲିକ ସ୍କୁଲ ଅନୁଗୋଳ, ବାଦ୍ୟଯନ୍ତ୍ରରେ ଚିନ୍ମୟ ସାହୁ ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅଭିନୟ କ୍ଷେତ୍ରରେ ତେଜସ୍ୱୀ ଦେହୁରୀ ଅନ୍ତର୍ଜାତୀୟ ବିଦ୍ୟାଳୟ ବଅଁରପାଳ, ଚିତ୍ରକଳା କାର୍ଯ୍ୟକ୍ରମରେ ବିସ୍ମିତା ମହାନ୍ତି ରୋଟାରୀ ପବ୍ଲିକ ସ୍କୁଲ ଅନୁଗୋଳ, ଗଳ୍ପ କାର୍ଯ୍ୟକ୍ରମରେ ପ୍ରୀତିପ୍ରଜ୍ଞା ପ୍ରିୟଦର୍ଶିନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗାନ୍ଧିମାର୍ଗ ଅନୁଗୋଳ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ। ଜୋନାଲସ୍ତରୀୟ କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୭ରେ କଟକସ୍ଥିତ ଖାନନଗର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

